ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଜୁଲାଇ ୨୬**

# ପ୍ରଧାନମନ୍ତ୍ରୀ ଆସୁଛନ୍ତି- ଅନେକ ଉପଲବ୍ଧିର ହେବ ତର୍ଜମା



ଉମାଶଙ୍କର ପ୍ରସାଦ

ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । 'ବର୍ଷ ଏକ ମାତ୍ର ଉପଲବ୍ଧି ଅନେକର ହେବ ତର୍ଜମା' । ମୋହନ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ନିଜ ନିଜ ବିଭାଗରେ କରିଥିବା ଜନତାଙ୍କ ପାଇଁ ଉଦ୍ଧିଷ୍ଟ କାର୍ଯ୍ୟାବଳୀର ଚିଠା ପ୍ରସ୍ତୁତ କରିଛନ୍ତି ଯାହାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଅନୁଧ୍ୟାନ କରିବେ ଏବଂ ନିଜର ମତ ପ୍ରଦାନ କରିବେ ପ୍ରକୃତରେ ସେମାନେ ଜନସାଧାରଣଙ୍କ ପାଇଁ ନିଜର ତଥା ଦଳର ହିତରେ କାର୍ଯ୍ୟ କରିଛନ୍ତି ନା କରିନାହାଁନ୍ତି, ତାରି ଉପରେ ସେମାନଙ୍କର ପରବର୍ତୀ ସମୟରେ ମନ୍ତ୍ରୀ ହେବେ ନା ବାଦ ପଡିବେ ନିର୍ଭର କରେ? ମୋହନ ସରକାର ନିଜର ବର୍ଷପୁରାଣୀ କୁ ନେଇ ବିଭିନ୍ନ ଛପା ଗଣମାଧ୍ୟମରେ ଏକ ବିରାଟ ଆଲେଖ୍ୟ ରେ ନିଜର କରିଥିବା କାର୍ଯ୍ୟର ବିଷଦ୍ ବିବରଣୀ ପ୍ରଦାନ କରିଛନ୍ତି । ଏବଂ ୨୦୩୬ ରେ ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତି ଅବସରରେ ତାଙ୍କର ମନ ଗହନରେ ଥିବା ଲକ୍ଷ୍ୟ ପାଇଁ କି କି ପଦକ୍ଷେପ ନେବା ଦରକାର ତାର ଏକ ରୋଡ ମ୍ୟାପ ମଧ୍ୟ ପ୍ରସ୍ତୁତ ହୋଇଛି । କେବଳ ସେତିକି ନୁହଁ ୨୦୪୭ ରେ ଆମ ଦେଶ ସ୍ୱାଧୀନତାର ଶତାବ୍ଦୀ ପାଳନ ଅବସରରେ ଦେଶକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ଆମ ରାଜ୍ୟ ଓଡିଶାର ଭୂମିକାକୁ ନେଇ ସେ ତାଙ୍କ ମନରେ ଅନେକ ଯୋଜନା ପ୍ରସ୍ତୁତି କରିଛନ୍ତି । ଆଜକୁ ଏକ ବର୍ଷ ତଳେ ଜନତା ମଇଦାନରେ ମୋହନ ସରକାରର ଶପଥ ଗ୍ରହଣ ଉତ୍ସବରେ ଯାହା ମନରେ ଭାବିଥିଲେ ତାକୁ ଲୋକସେବା ଭବନ କୁ ପ୍ରବେଶ କରିବାର ୨୪ ମିନିଟ୍ ରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । କିନ୍ତୁ ମନରେ ଏକ ପ୍ରଶ୍ନ ଉଙ୍କି ମାରେ ୨୦୩୬ ଓ ୨୦୪୭ ପାଇଁ ପ୍ରସ୍ତୁତ ରୋଡମ୍ୟାପ ! ଏହି ପ୍ରସଙ୍ଗରେ ରାମାୟଣର ଏକ ରୋଚକ କଥା ମନକୁ ଆସେ ଯାହା ହେଲା ଲଙ୍କାଧିପତି ରାବଣର ନିଧନ ସମୟରେ ପ୍ରଭୁ ରାମଚନ୍ଦ୍ର ଅନୁଜ ଲକ୍ଷ୍ମଣକୁ ବ୍ରହ୍ମଜ୍ଞ ରାବଣ ଠାରୁ କିଛି ଜ୍ଞାନ ଆହରଣ ପାଇଁ ପଠାଇଥିଲେ । ବଡଭାଇର ଆଦେଶରେ ଲକ୍ଷ୍ମଣ ଆହତ ଅବସ୍ଥାରେ ପଡି ଥିବା ରାବଣ ର ଶିର ପାଖରେ ଠିଆ ହୋଇ କିଛି ଜ୍ଞାନ ଆହରଣ ପାଇଁ ବିନମ୍ର ନିବେଦନ କରିଥିଲେ । ଲକ୍ଷ୍ମଣଙ୍କ ଏତାଦୃଶ କାର୍ଯରେ ରାବଣ ହସିବାକୁ ଲାଗିଲା ଓ କହିଥିଲା ଲକ୍ଷ୍ମଣ ତୁମେ ଏପର୍ଯ୍ୟନ୍ତ ଜ୍ଞାନ ଆହରଣ କରିବାକୁ ଯୋଗ୍ୟ ହୋଇନାହଁ । ଲକ୍ଷ୍ମଣ ବିରସ ମନରେ ଫେରିଆସି ଭାଇଙ୍କୁ ସମସ୍ତ ବୃତା' କହିବାରୁ ରାମ କହିଲେ ଲକ୍ଷ୍ମଣ ତୁମେ ବ୍ରହ୍ମଜ୍ଞ ରାବଣର ଶିର ପ୍ରଦେଶରେ ଦଣ୍ଡାୟମାନ ହୋଇ ଜ୍ଞାନ ଆହରଣ କରିବା ନୀତି ବିରୁଦ୍ଧ । ଯାହା ଠାରୁ କିଛି ଶିକ୍ଷା କରିବ ତାର ପାଦଦେଶରେ ରହି ଜ୍ଞାନ ଆହରଣ କରାଯାଏ । ତୁମେ ଆଉଥରେ ଯାଅ ପାଦଦେଶରେ ହାତ ଯୋଡି ବସି ନିବଦେନ କର ସେ ତୁମକୁ ନିଶ୍ଚୟ ଜ୍ଞାନ ପ୍ରଦାନ କରିବେ , ଭାଇଙ୍କ ଆଦେଶରେ ଲକ୍ଷ୍ମଣ ଠିକ ସେହିପରି କରିବାରୁ ରାବଣ ହସିବା ସହିତ କହିଥିଲା ହେ ଲକ୍ଷ୍ମଣ କାଲି କିଏ ଦେଖିଛି ? ତେଣୁ ଯାହା କାଲି କରିବ ବୋଲି ଭାବିଛ ତାହା ଆଜି କର ଓ ଯାହା ଆଜି କରିବାକୁ ଭାବିଛ ତାକୁ ସଙ୍ଗେ ସଙ୍ଗେ କର କାରଣ ମୁଁ ଭାବିଥିଲି ସମୁଦ୍ର ପାଣିକୁ ଦୁଗ୍ଧ କରିଦେବି ସ୍ୱର୍ଗକୁ ଆରୋହଣ ନିମିତ ଶିଡି କରିଦେବି ମାତ୍ର କିଛି କରି ପାରିଲିନି । ଭାଗବତ ଅନୁସାରେ 'ଭାବନା ମୁଳେ କାଳ ଥାଇ - ପ୍ରାଣୀ ତା ଜାଣି ନପାରଇ' ! ତେଣୁ ସରକାର ଯେଉଁ ଭବିଷ୍ୟତ ପରିକଳ୍ପନା କରିଛନ୍ତି ତାକୁ ଯଥା ଶୀଘ୍ର ପୁରଣ ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ । ' ନିଃଶ୍ୱାସେ ନୈବ ବିଶ୍ୱାସମ କଦାରୁଢ ଭବିଷ୍ୟତ' । ତାଙ୍କ ଶାସନ ବର୍ଷରେ ଜଗନ୍ନାଥଙ୍କ ଚାରି ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ମରାମତି, ୫୦୦ କୋଟି କର୍ପସ ଫଣ୍ଡ ଜଗନ୍ନାଥଙ୍କ ପାଇଁ, ସୁଭଦ୍ରା ଯୋଜନାରେ ମା ଭଉଣୀ ମାନଙ୍କୁ ସାମିଲ, ଅନ୍ନଦାତା କୃଷକ ମାନଙ୍କ ପାଇଁ ଧାନ କୁଇ□ାଲ ପିଛା ୮୦୦ ଟଙ୍କାର ଇନପୁଟ ସବସିଡି ମାଧ୍ୟମରେ ଧାନ କୁଂ□ାଲ ୩୧୦୦ ଟଙ୍କା ପହଂଚାଇବାର ନିର୍ଣ୍ଣୟ, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି, ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ସାମିଲ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ବର୍ଷକରେ ୨୭ ହଜାର କର୍ମଚାରୀ ପଦ ପୁରଣ, ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତା ୩୫୦୦ କୁ ବୃଦ୍ଧି , ଆୟୁଷ୍ମାନ ଯୋଜନାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ଏହିଭଳି ଅନେକ କରିଥିବା କାର୍ଯ୍ୟର ବିବରଣୀ ପ୍ରଦାନ କରିଛନ୍ତି । ଏ ସବୁ ସତ୍ୱେ 'ଦୀପ ତଳ ଅନ୍ଧାର' ଭଳି ମୁଖ୍ୟମନ୍ତ୍ରୀ ନିଜର ଦପ୍ତର ଓ ନିବାସ ରେ ଜଣେ ସାଧାରଣ ଲୋକକୁ କିଭଳି ତାଙ୍କର କର୍ମଚାରୀ ଓ ବରିଷ୍ଠ ପଦାଧିକାରୀଙ୍କ ଦୁର୍ବ୍ୟବହାର ବିଷୟରେ ନିଜେ ମୁଖ୍ୟମନ୍ତ୍ରୀ ବଖାଣିଛନ୍ତି ତାହା ତାଙ୍କ ସରଳତା ର ଏକ ମହାନ ନମୁନା । ଆଜି ବି ପ୍ରାୟ ୮୦୦୦ ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ସମାଧାନ ହୋଇ ନପାରି ମୁଖ୍ୟମନ୍ତ୍ରୀଙ୍କ ଅଭୀଯୋଗ ପ୍ରକୋଷ୍ଠରେ ପଡିରହିଛି । ଦୁଃଖ ଓ ପରିତାପର ବିଷୟ ମୁଖ୍ୟମନ୍ତ୍ରୀ ତଥା ତାଙ୍କର ସହେଯାଗୀ ମନ୍ତ୍ରୀଙ୍କ ପାଖରେ ଥିବା ପଦାଧିକାରୀ ମାନେ ଜନସାଧାରଣ ଓ ସାମ୍ବାଦିକ ତଥା ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନଙ୍କର ଫୋନ ଉଠାନ୍ତିନି ଅଧିକନ୍ତୁ ସେମାନଙ୍କୁ ଦୁର୍ବ୍ୟବହାର କରିଥାଁ ଯାହା ବି.ଜେ.ବି ଦଳ ପାଇଁ ଶୁଭଙ୍କରୀ ନୁହେଁ । ମାନନୀୟ ପ୍ରଧାନମନ୍ତ୍ରୀ ସମୀକ୍ଷା କଲାବେଳେ ଏହି ବିଷୟ ଉପରେ ଧ୍ୟାନ ଦେବାପାଇଁ ଜନ ସାଧାରଣ ଙ୍କ ବିନମ୍ର ଅନୁରୋଧ । ପୂର୍ବବର୍ତି ସରକାର ଏହି ଅଫିସର ମାନଙ୍କ ଏକଛତ୍ର ବାଦ ବ୍ୟବହାର ଓ ପ୍ରଧାନ ମନ୍ତ୍ରୀ ମୋଦିଙ୍କ ମୁହଁକୁ ଅନାଇ ସରକାର ପରିବ□ନ କଲେ ମାତ୍ର ଯଦି ଏ ସରକାର ର ଧୋବ ଧୋବଳିଆ ବାବୁମାନେ ଜନସାଧାରଣଙ୍କୁ ଏପରି ବ୍ୟବହାର ଦେଖାଇବେ ତେବେ ଆଗାମୀ ଦିନ ସରକାରଙ୍କ ପାଇଁ ଯେ ବୁମେରାଙ୍ଗ ନହେବ ତାହା କହିବା ଠିକ ନୁହେଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀମାନେ ନିଜର କାର୍ଯ୍ୟାଳୟର ଅଧିକାରୀ ମାନଙ୍କୁ ବ୍ୟବହାରରେ ଶାଳୀନତା ରକ୍ଷାକରିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି ଆଶା । ' ଉତ୍କର୍ଷ ଓଡିଶା' ସମ୍ମିଳନୀ ଜରିଆରେ ଯଦିଓ ୧୬ ଲକ୍ଷ କୋଟି ଟଙ୍କାର ପୁଁ ନିବେଶ ଓ ୧୩ ଲକ୍ଷ ନିଯୁକ୍ତି ସୁଯୋଗର ପ୍ରତିଶୃତି ମିଳିଛି ତେବେ ଏହା କେତେଦୂର ଫଳପ୍ରଦ ହେବ ତାହା ଭବିଷ୍ୟତ କହିବ? ପୂର୍ବ ସରକାରରେ ଏରି ଅନେକ ଚୁକ୍ତି ସ୍ୱାକ୍ଷର କରା ଯାଇଥିଲା ସେଥିରୁ କେତେ ଫଳପ୍ରଦ ହୋଇଛି ବର୍ତମାନର ସରକାର ଓ ମୋର ସୁଧୀ ପାଠକ ମାନେ ବିଚାର କରିବେ । ଏହାଛଡା ବର୍ତମାନ ସରକାରଙ୍କ ସାମନାରେ ଅନେକ ସମସ୍ୟା ମହନଦୀ ଜଳବିବାଦ, କୋଟିଆ ପ୍ରସଙ୍ଗ ଏବବେ ଅସମାହିତ ହୋଇ ରହିଛି । ଏହା ସତ୍ୱେ ମାନ୍ୟବର ପ୍ରଧାନ ମନ୍ତ୍ରୀ ଓଡିଶାକୁ ଆସୁଛନ୍ତି । ଦୁଇ ଲକ୍ଷ ଲୋକଙ୍କ ସମାଗମ , ୨୮ ଟି ମଂଚ ପ୍ରସ୍ତୁତି, ୪୦ ଟି ସାଂସ୍କୃତିକ ଦଳ ପ୍ରଧାନ ମନ୍ତ୍ରୀଙ୍କୁ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରି ଆପ୍ୟାୟିତ କରିବେ । ଦଳୀୟ ନେତା ବରିଷ୍ଠ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଜି ଜାନ ଲଗାଇ ଦେବେ । ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରେ ପ୍ରଧାନ ମନ୍ତ୍ରୀ ଓଡିଶାକୁ ଆସିବା ଅତି ଶୁଭ ଖବର କିନ୍ତୁ ତାଙ୍କର ଏହି ଆଗମନରେ ଯେଉଁ ବ୍ୟୟ ବହୁଳ ଅର୍ଥର ବିନିର୍ବେୟ ହେବ ତାହା ଜନ ସାଧାରଣଙ୍କ ର କଷ୍ଟ ଅର୍ଜିତ ଧନ ନା ସାଂସଦ, ବିଧାୟକ, ମନ୍ତ୍ରୀମାନଙ୍କ ରୋଜଗାରର ଅର୍ଥ ତାହା ପାଠକେ ବିଚାର କରିବେ ଓ ଆମ ନେତୃବର୍ଗ ତାର ଆତ୍ମସମୀକ୍ଷା କରିବେ ବୋଲି ଆଶା ।

ଖୋର୍ଦ୍ଧା

# ନ୍ୟାୟ ପାଇଁ ୧୯ବର୍ଷ ପରେ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

୨୦୦୬ ମସିହା ଜୁଲାଇ ମାସ ୧୧ତାରିଖ ଦିନ ମୁମ୍ବାଇର ଲୋକାଲ ଟ୍ରେନରେ ସଂଘଟିତ ଲୋମହର୍ଷଣକାରୀ ବିସ୍ଫୋରଣ ଏବେ ବି ଅଭୁଲା ହୋଇରହିଛି । ସ୍ମରଣଯୋଗ୍ୟ ଯେ, ସନ୍ଧ୍ୟା ସମୟରେ, ଯେତେବେଳେ ଯାତ୍ରୀଙ୍କ ଭିଡ ଲାଗି ରହିଥିଲା, ଠିକ ସେହି ସମୟରେ ୭ଟି ଲୋକାଲ ଟ୍ରେନର ୭ଟି ପ୍ରଥମ ଶ୍ରେଣୀ ବଗିରେ ମାତ୍ର ୧୧ମିନିଟ୍ ମଧ୍ୟରେ ଶକ୍ତିଶାଳୀ ବିସ୍ଫୋରଣରେ ୨୦୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ କେତେକ ଏବେ ବି ଅକର୍ମଣ୍ୟ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି । ସେତେବେଳେ ଏହି ଭୟଙ୍କର ବିସ୍ଫୋରଣ କେବଳ ମୃତାହତ ଯାତ୍ରୀଙ୍କ ପରିବାରକୁ ନିକଟରେ ମୁମ୍ବାଇ ହାଇକୋର୍ଟଙ୍କ ରାୟ ବେଳେ ଆହୁରି କ୍ଷତାକ୍ତ କରିନାହିଁ, ଦେଶରେ ପୋଲିସର ତଦ' ପ୍ରକ୍ରୀୟା ଏବଂ ନ୍ୟାୟ ପାଇଁ ନ୍ୟାୟାଳୟ ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ର ଆତଙ୍କ ବିରୋଧି ସ୍କ୍ୱାର୍ଡ(ଏଟିଏସ) ଅନୁସନ୍ଧାନ ଆଧାରରେ ତଳକୋର୍ଟ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ । ପ୍ରାୟ ୧୦ବର୍ଷ ଧରି ମାମଲା ଶୁଣାଣୀ ସମୟରେ ୧୯୨ଜଣଙ୍କ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରଦାନ ଠାରୁ ଆରମ୍ଭ କରି ଡାକ୍ତର, ଫୋରେସିକ ବିଶେଷଜ୍ଞଙ୍କ ରିପୋର୍ଟ ଆଧାରରେ ମହାରାଷ୍ଟ୍ର ଏକକୋକା କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ । ଯାହାକି ପୀଡିତାଙ୍କୁ ଆଶ୍ୱସ୍ତ କରିଥିଲା । ଭାରତୀୟ ବିଚାରପତି ଆଧାରରେ ଅଭିଯୁକ୍ତମାନେ ମୁମ୍ବାଇ ହାଇକୋର୍ଟରେ ତଳ କୋର୍ଟର ରାୟକୁ ଚ୍ୟାଲେ କରି ଅପିଲ କରିଥିଲେ । ମୁମ୍ବାଇ ହାଇକୋର୍ଟ ଅପିଲର ଶୁଣାଣୀ କରି ୬୧୭ ପୃଷ୍ଠା ସମ୍ବଳିତ ରାୟରେ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି । ହାଇକୋର୍ଟ ତାଙ୍କ ରାୟରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ପ୍ରମାଣକୁ ମୂଲ୍ୟହୀନ ବୋଲି ଦର୍ଶାଇଛନ୍ତି । ବିସ୍ଫୋରଣରେ କି ପ୍ରକାରର ବୋମା ବ୍ୟବହୃତ ହୋଇଥିଲା, ପୋଲିସ କହିବାକୁ ଅକ୍ଷମ ଥିବା ହାଇକୋର୍ଟ ଦର୍ଶାଇଛନ୍ତି । ସେହିପରି ପୋଲିସ ସଂଗ୍ରହ କରିଥିବା ସମସ୍ତ ଟୁକୁରା ତ୍ରୁଟିପୂର୍ଣ୍ଣ ଏବଂ ଅସୁରକ୍ଷିତ ଥିଲା । ପୋଲିସର ନିର୍ଯାତନା ଯୋଗୁଁ ଅଭିଯୁକ୍ତମାନେ ଅପରାଧରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ଏହି ସ୍ୱୀକାରୋକ୍ତି ସତ୍ୟତାପୂର୍ଣ୍ଣ କିମ୍ବା ସମ୍ପୂର୍ଣ୍ଣ ନୁହେଁ ବୋଲି ଅଦାଲତ କହିଛନ୍ତି । ଏହା ବ୍ୟତୀତ ଅଭିଯୁକ୍ତମାନେ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନର ସଦସ୍ୟ ଥିବା ନେଇ ଯେଉଁସବୁ ପୁସ୍ତକ ଓ ପ୍ରମାଣପତ୍ର ଉପସ୍ଥାପନ କରାଯାଇଥିଲା, ତାହା ସେମାନେ ନିଷିଦ୍ଧ ସଂଗଠନର ସଦସ୍ୟତାକୁ ପ୍ରମାଣିତ କରୁନାହିଁ କି଼ୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସମସ୍ତ ସାକ୍ଷୀ ମିଛୁଆ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି । ଆହୁରି ମଧ୍ୟ ୪ବର୍ଷ ପରେ ଅଭିଯୁକ୍ତମାନଙ୍କୁ ସାକ୍ଷୀମାନେ ଚିହ୍ନଟ କରିବା ଅତି ଅସଂଗତ ଏବଂ ସାକ୍ଷୀମାନେ ପେଷାଦାର ବୋଲି ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି । ଏହା ନିସନ୍ଦେହ ଯେ, ଅଦାଲତଙ୍କର ଏହି ସବୁ ଅନୁସନ୍ଧାନ ସିଦ୍ଧାନ୍ତ ଗୁଡିକ ଚିନ୍ତାଜନକ । ତେବେ ପ୍ରଥମ ଘଟଣା କିମ୍ବା ନୂଆ ନୁହେଁ । ତେବେ ଅପରାଧୀ କେଉଁମାନେ ? ଯେଉଁମାନେ କି ଏବେ ବି ମୁକ୍ତ ଭାବରେ ବିଚରଣ କରୁଛନ୍ତି ? ଯାହା ମୁମ୍ବାଇ ହାଇକୋର୍ଟଙ୍କ ରାୟ ସନ୍ଦେଶ ପ୍ରଦାନ କରେ । ଏହା ସତ୍ୟ ଯେ, ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଦାଲତ ଦୋଷୀଙ୍କୁ ଦଣ୍ଡବିଧାନ କରିଥାଏ । ଦେଶର ଦୁଇ ଅଦାଲତ ଭିନ୍ନ ଭିନ୍ନ ରାୟ ଦେଇଛନ୍ତି । କେଉଁ ଅଦାଲତ ଠିକ୍ ତାହା ଦୀର୍ଘ ୨୦ବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ପିଡିତଙ୍କ ପରିବାରଙ୍କ ପକ୍ଷରେ ବୁଝିବା ସମ୍ଭବ ନୁହେଁ । ଅବଶ୍ୟ ମହାରାଷ୍ଟ୍ର ସରକାରଙ୍କ ଅପିଲକୁ ଗ୍ରହଣ କରି ସୁପ୍ରିମକୋର୍ଟ ମୁମ୍ବାଇ ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଜାରି କରିଛନ୍ତି । ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା ଉପରେ ସୁପ୍ରିମକୋର୍ଟରେ ପୁଣି ମୂଳରୁ ଶୁଣାଣୀ ହେବ । ସୁପ୍ରିମକୋର୍ଟ ଏହି ମାମଲାରେ ସମସ୍ତ ଦୋଷୀଙ୍କୁ ନୋଟିସ ଜାରି କରିଥିବାବେଳେ ହାଇକୋର୍ଟଙ୍କ ରାୟକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି କିନ୍ତୁ ଜେଲରୁ ଖଲାସ ହୋଇଯାଇଥିବା ଅପରାଧକୁ ପୁନର୍ବାର ଜେଲକୁ ଫେରାଇ ଅଣାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏବେ ସୁପ୍ରିମକୋର୍ଟଙ୍କ ଉପରେ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣରେ ମୃତାହତ ପରିବାର ଭରସା । ନ୍ୟାୟ ପାଇଁ ପିଡିତଙ୍କୁ ପରିବାର ପୁଣି ଆଉ କେତେ ବର୍ଷ ଅପେକ୍ଷା କରିବାକୁ ହେବ, ତାହା ସମୟ କହିବ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୭୯୭୮୬୬୬୪୦୩*

# ମୋଦୀଙ୍କ ସାଇପ୍ରସ ଗସ୍ତ ଓ ତୁର୍କୀକୁ ବାର୍ତା



ଡ. ସମନ୍ୱୟ ନନ୍ଦ

ପ୍ରଧାନମନ୍ତ୍ରୀ ଗତ କିଛି ଦିନ ତଳେ ଭୂମଧ୍ୟସାଗର ଅଂଚଳରେ ଥିବା ଦ୍ୱୀପ ଦେଶ ସାଇପ୍ରସ ଗସ୍ତ କରିଥିଲେ । ଏହି ଅଂଚଳ ଗୁଡିକରେ ଭାରତର କଣ ଭୂ ରଣନୈତିକ ସ୍ୱାର୍ଥ ରହିଛି ? ଏହି ଛୋଟ ଦେଶକୁ ଗସ୍ତ କରିବାର ଉଦ୍ଦେଶ୍ୟ କଣ ଥିଲା ?ଏହା ଦ୍ୱାରା ଭାରତ କଣ ବାର୍ତା ଦେବାକୁ ଚାହୁଁଥିଲା ? ଏହି ସବୁ ବିନ୍ଦୁ ଉପରେ ଏହି ଲେଖାରେ ଆଲୋଚନା କରିବା । ତୁର୍କୀର ରାଷ୍ଟ୍ରପତି ଏର୍ଦୋଗାନ ଗତ କିଛି ବର୍ଷ ହେଲା ମୁସଲମାନ ମାନଙ୍କର ଖଳି' ହେବାର ସ୍ୱପ୍ନରେ ବିଭୋର ଅଛନ୍ତି । ତୁର୍କୀର ପୂର୍ବବର୍ତୀ ଶାସକ ଆତାତୁର୍କ ତୁର୍କୀକୁ ଇସଲାମୀ କଟ୍ଟରତାରୁ ଦୂର କରି ସେକୁଲାର ଦେଶ କରିବାକୁ ଯେଉଁ ପଦକ୍ଷେପ ମାନ ନେଇଥିଲେ ତାକୁ ବଦଳାଇ ଏର୍ଦୋଗାନ ପୁଣି ଥରେ ତୁର୍କୀକୁ ମଧ୍ୟକାଳୀନ ଇସଲାମୀ ଦେଶରେ ପରିବର୍ତନ କରି ସାରା ବିଶ୍ୱର ମୁସଲମାନ ମାନଙ୍କର ନେତୃତ୍ୱ କରିବାର ସ୍ୱପ୍ନ ଦେଖୁଛନ୍ତି । ଏଥିରେ ମଧ୍ୟ ଭାରତକୁ କୌଣସି ପ୍ରକାର ଆପତି ନ ଥିଲା । ହେଲେ ଏର୍ଦୋଗାନ ଏତିକିରେ ସୀମିତ ରହି ନାହାନ୍ତି । ସେ ମିଳିତ ଜାତିସଂଘ ପରି ଅନ୍ୟ ବୈଶ୍ୱିକ ମଂଚ ଗୁଡିକର ପ୍ରୟୋଗ ବିଶେଷ ଭାବେ ଜାମ୍ମୁ କାଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ବିରୁଦ୍ଧରେ କରି ଆସୁଛନ୍ତି । ପାକିସ୍ତାନ ସହ ମିଳିତ ସୈନ୍ୟ ଅଭ୍ୟାସ ହେଉ ବା ଇସଲାମିକ ସହଯୋଗ ସଂଗଠନରେ ପାକିସ୍ତାନକୁ ସମର୍ଥନ ପ୍ରଦାନ କରିବା ହେଉ, ତୁର୍କୀର ଆଭିମୁଖ୍ୟ ଭାରତ ବିରୋଧରେ ଅଧିକ ଆକ୍ରମଣାତ୍ମକ ହୋଇଛି । ତୁର୍କୀ ପାକିସ୍ତାନର ରଣନୈତିକ ଉଦ୍ଦେଶ୍ୟକୁ ସମର୍ଥନ କରିବାରେ କେବଳ ବକ୍ତବ୍ୟ ଦେବା ଯାଏ ସୀମିତ ହୋଇ ରହି ନାହିଁ ବରଂ ପାକିସ୍ତାନ ସହ ପ୍ରତିରକ୍ଷା ସହଯୋଗ ମଧ୍ୟ ଦେବା ସ୍ପଷ୍ଟ ହୋଇଛି । ଗତ ଅପରେସନ ସିନ୍ଦୁରରେ ଏହାର ପ୍ରମାଣ ମଧ୍ୟ ଦେଖିବାକୁ ମିଳିଛି । ତେଣୁ ଭାରତର ପ୍ରତିକ୍ରିୟା ତୁର୍କୀକୁ ନେଇ ଏଥର କଠୋର ହୋଇଛି । ତେବେ ଭାରତର ପ୍ରତିକ୍ରିୟାକୁ ଭାବନାତ୍ମକ କିମ୍ବା ତ୍ୱରିତ ପ୍ରତିକ୍ରିୟା ବୋଲି କୁହାଯାଇ ପାରିବ ନାହିଁ ବରଂ ଭାରତର ପ୍ରତିକ୍ରିୟାକୁ ଅତ୍ୟନ୍ତ ଭାବି ଚିନ୍ତି ଓ ରଣନୈତିକ ବିଚାରକୁ ନେଇ ବୋଲି କୁହାଯାଇ ପାରିବ । ତୁର୍କୀ ସହ ପ୍ରତ୍ୟକ୍ଷ ଉତେଜନା ବଢାଇବା ପରିବର୍ତେ ଭାରତ ସେହି ଦେଶ ମାନଙ୍କ ସହ ଦୀର୍ଘକାଳୀନ ସମ୍ପର୍କକୁ ମଜବୂତ କରିବା ଦିଗରେ ପଦକ୍ଷେପ ନେଉଛି, ଯେଉଁ ଦେଶ ମାନେ ତୁର୍କୀର ଆଂଚଳିକ ମହତ୍ୱାକାଂକ୍ଷା କାରଣରୁ ନିଜକୁ ବିପଦରେ ବୋଲି ଅନୁଭବ କରିଥାନ୍ତି । ଯେପରିକି ଗ୍ରୀସ, ଆର୍ମେନିଆ, ଇଜିପ୍ଟ ଓ ଏବେ ସାଇପ୍ରସ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଇପ୍ରସର ଐତିହାସିକ ଯାତ୍ରା କେତେ ଗୁରୁତ୍ୱପୂର୍ଣ ତାହା ବୁଝିବା ପୂର୍ବରୁ ତୁର୍କୀ ଓ ସାଇପ୍ରସ ମଧ୍ୟରେ ଥିବା ବିବାଦର ଇତିହାସର ପୃଷ୍ଠଭୂମି ଉପରେ ଦୃଷ୍ଟି ପକାଇବା ଉଚିତ ହେବ । ୧୯୭୪ ମସିହାରେ ସାଇପ୍ରସରେ ଶାସନ ପରିବର୍ତନ ପାଇଁ ପଡୋଶୀ ଗ୍ରୀସ ସେନାର ସହାୟତାରେ ଏକ ବି'ଳ ସୈନ୍ୟ ଉଦ୍ୟମ ହୋଇଥିଲା । ଏହି ସମୟରେ ତୁର୍କୀ ଉତର ସାଇପ୍ରସ ଉପରେ ଆକ୍ରମଣ କରି ଦେଇଥିଲା ଓ କିଛି ଅଂଚଳକୁ ଅଧିକାର କରି ନେଇଥିଲା । ଯଦିଓ ପରେ ସାଇପ୍ରସରେ ସ୍ଥିତି ସାମାନ୍ୟ ହୋଇଯାଇଥିଲା ଓ ଆଇନଗତ ଭାବେ ସେଠାରେ ସରକାର ଗଠିତ ହୋଇଥିଲା, ହେଲେ ତୁର୍କୀ ଉକ୍ତ ଅଂଚଳରୁ ସେନାକୁ ପ୍ରତ୍ୟାହାର କରି ନ ଥିଲା । ତେଣୁ ତୁର୍କୀ ଆଜି ମଧ୍ୟ ସାଇପ୍ରସର ଏକ ତୃତୀୟାଂଶ ଭୂମି ଉପରେ କବ୍ଜା କରି ବସିଛି ଓ ସେଠାରେ ସ୍ୱୟଂଘୋଷିତ ଉତର ସାଇପ୍ରସ ତୁର୍କୀ ଗଣରାଜ୍ୟକୁ ସମର୍ଥନ ଦେଉଛି । ଏହାକୁ ତୁର୍କୀ ବ୍ୟତୀତ ଅନ୍ୟ କେଉଁ ଦେଶ ମାନ୍ୟତା ଦେଇ ନାହାନ୍ତି । ଏଠାରେ ଆଉ ଏକ କଥା ଉଲ୍ଲେଖ କରିବା ଉଚିତ ହେବ ଯେ ଏହି କବ୍ଜା କେବଳ ରାଜନୈତିକ ନୁହେଁ ବରଂ ଏହାର ଗୁରୁତର ସାମରିକ ଓ ଆର୍ଥିକ ପ୍ରଭାବ ମଧ୍ୟ ରହିଛି । ତୁର୍କୀ ବାରମ୍ବାର ସାଇପ୍ରସର ସ୍ୱତନ୍ତ୍ର ଆର୍ଥିକ ଜୋନକୁ ଚ୍ୟାଲେଂଜ କରୁଥିବା ଦେଖିବାକୁ ମିଳୁଛି । ଏହା ବାଦ ତୁର୍କୀ ବାରମ୍ବାର ବିବାଦୀୟ ଜଳ ସୀମାରେ ନିଜର ଜାହାଜ ପଠାଉଛି ଓ ଆନ୍ତର୍ଜାତିକ ସାମୁଦ୍ରିକ ଆଇନକୁ ଉଲ୍ଲଂଘନ କରୁଛି । ତେଣୁ ଦେଖିବାକୁ ଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଭଳି ଏକ କ୍ଷୁଦ୍ର ଦ୍ୱୀପ ଦେଶକୁ ଯାତ୍ରା କେବଳ ଦ୍ୱିପାକ୍ଷିକ କୂଟନୈତିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା କିଛି ଅଂଚଳକୁ ଅନ୍ୟ ଦେଶ ଦ୍ୱାରା ଅଧିକାର କରାଯାଇଥିବା ଦେଶ ସହ ଠିଆ ହେବା ପ୍ରତୀକାତ୍ମକ ଓ ରଣନୈତିକ ବାର୍ତା ଅଟେ । ୧୯୯୮ ମସିହାରେ ଭାରତରେ ପରମାଣୁ ପରୀକ୍ଷଣ ହେଉ ବା ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତାର ପ୍ରଦାନ କରିବାର ବିଷୟ ହେଉ ସାଇପ୍ରସ ସବୁବେଳେ ଭାରତର ସମର୍ଥନ କରି ଆସିଛି । ଏଥିରେ ଶକ୍ତି, ଡିଜିଟାଲ କରିଡର, ସାମୁଦ୍ରିକ ସୁରକ୍ଷା ଓ ପ୍ରତିରକ୍ଷା ଭଳି କ୍ଷେତ୍ରରେ ସହଯୋଗ ପାଇଁ ବାଟ ସୃଷ୍ଟି ହୋଇଛି । ଏଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବା ଉଚିତ ହେବ ଯେ ଭାରତ ଏହି ଅଂଚଳରେ ତୁର୍କୀକୁ ଘେରାବନ୍ଦୀ କରିବା ଦିଗରେ ପୂର୍ବରୁ ହିଁ କାମ କରୁଛି । ତୁର୍କୀର ବିରୋଧୀ ଦେଶମାନଙ୍କ ଭାରତ ତାର ସମ୍ପର୍କକୁ ନିବିଡ କରିବାରେ ଲାଗିଛି । ସାଇପ୍ରସର ପଡୋଶୀ ଦେଶ ଆର୍ମେନିଆ ସହ ଏହି ପ୍ରତିରକ୍ଷା ଭଳି କ୍ଷେତ୍ରରେ ଭାରତ ପୂର୍ବରୁ ହିଁ ସକ୍ରିୟ ଭୂମିକା ନିର୍ବାହ କରୁଛି । ଆର୍ମେନିଆ ମଧ୍ୟ ତୁର୍କୀର ଶତ୍ରୁ ଦେଶ ଓ ଘୋର ବିରୋଧୀ । ୨୦୨୩ ମସିହାରେ ଭାରତ ଆର୍ମେନିଆକୁ ଡ୍ରୋନ, କ୍ଷେପଣାସ୍ତ୍ର ପ୍ରଣାଳୀ ଓ ତଦାରଖ ପ୍ରଯୁକ୍ତି ବିଦ୍ୟା ଭଳି କ୍ଷେତ୍ରରେ ପ୍ରତିରକ୍ଷା ରପ୍ତାନୀ ବଢାଇଛି । ଏହା ବ୍ୟତୀତ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଗ୍ରୀସ ଗସ୍ତରେ ମଧ୍ୟ ଯାଇଥିଲା । ଗ୍ରୀସ ମଧ୍ୟ ତୁର୍କୀର ବିରୋଧୀ ଭାବେ ଜଣାଶୁଣା । ଆର୍ମେନିଆ, ଗ୍ରୀସ ଓ ଏବେ ସାଇପ୍ରସ ଗସ୍ତ କରି ସେମାନଙ୍କର ସହ ରଣନୈତିକ ଭାଗିଦାରୀ ବଢାଇ ଭାରତ ତୁର୍କୀକୁ ତାର ନିଜ ଅଂଚଳରେ ଘେରାବନ୍ଦୀ କରିବାର ରଣନୀତିରେ କାର୍ଯ୍ୟ କରୁଛି । ଭାରତର ଭାବମୂର୍ତିକୁ ବୈଶ୍ୱିକ ସ୍ତରରେ ଦୁର୍ବଳ କରିବାକୁ ସତତ ଚେଷ୍ଟିତ ତୁର୍କୀର ଏର୍ଦୋଗାନଙ୍କୁ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଇପ୍ରସ ଗସ୍ତ ଏକ ସ୍ପଷ୍ଟ ଓ ସନ୍ତୁଳିତ ବାର୍ତା ପ୍ରଦାନ କରୁଛି । ଭାରତ ଏବେ ଆଉ ତୁର୍କୀର ଏଭଳି ଉତେଜନା ସୃଷ୍ଟିକାରୀ କାର୍ଯ୍ୟ ଉପରେ ନିଷ୍କ୍ରିୟ ରହିବ ନାହିଁ । ଏବେ ଭାରତ ତୁର୍କୀର ନିଜ ଅଂଚଳରେ ଥିବା ବିରୋଧୀ ଦେଶ ମାନଙ୍କ ସହ ନିଜର ସମ୍ପର୍କକୁ ଦୃଢ କରିବ, ଦୀର୍ଘକାଳୀନ, ଆର୍ଥିକ ଓ ରଣନୈତିକ ଭାଗିଦାରୀକୁ ସୁଦୃଢ କରିବ । ତାଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ । ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଯାତ୍ରାକୁ ଏହି କାରଣରୁ ଐତିହାସିକ କୁହାଯାଇ ପାରେ ଯେ ଏହି ଯାତ୍ରାର ଟାଇମିଂ ସଠିକ ହୋଇଛି ଓ ଏହି ଯାତ୍ରା ଦ୍ୱାରା ବାର୍ତା ମଲ୍ଟି ଡାଇମେନସନାଲ ଅର୍ଥାତ ବହୁ ଆୟାମୀ ପ୍ରଦାନ କରାଯାଇଛି । ଭାରତ ଭୂମଧ୍ୟସାଗରୀୟ ଅଂଚଳରେ ତାର ସହଯୋଗୀ ଦେଶ ମାନଙ୍କ ସହ ସହଯୋଗକୁ ଶକ୍ତିଶାଳୀ କରିବାସହ ୟୁରୋପୀୟ କରିଡୋରରେ ତାର ଉପସ୍ଥିତିକୁ ପୁଣି ସ୍ଥାପିତ କରିଛି । ବର୍ତମାନ ବିଶ୍ୱରେ କୂଟନୀତି ଉଚ୍ଚ ସ୍ୱରରେ ନୁହେଁ ବରଂ ସୂକ୍ଷ୍ମ ସଂକେତରେ କୁହାଯାଇଥାଏ । ଯଦି ଏହି ଦୃଷ୍ଟିକୋଣରୁ ଦେଖିବା ତେବେ ମୋଦୀଙ୍କ ସାଇପ୍ରସ ଯାତ୍ରା କୂଟନୈତିକ ସଂଚାର କ୍ଷେତ୍ରରେ ଏକ ମାଷ୍ଟର ଷ୍ଟ୍ରୋକ ବୋଲି କୁହାଯାଇ ପାରିବ । ଏଥିରେ ଇତିହାସ, ଶକ୍ତି, ରାଜନୀତି, ପ୍ରତିରକ୍ଷା ସହଯୋଗ ଓ ଭୂରାଜନୈତିକ ବାର୍ତା ସ୍ପଷ୍ଟ ଭାବେ ପ୍ରଦାନ କରାଯାଉଛି ।

ପ୍ରଧାନମନ୍ତ୍ରୀ ମୋଦୀ ଓ ଭାରତର ବାର୍ତା ଅତ୍ୟନ୍ତ ସ୍ପଷ୍ଟ । ଭାରତ କେବଳ ଯେ ପୂର୍ବ ଭୂମଧ୍ୟ ସାଗର ଉପରେ ଦୃଷ୍ଟି ରଖୁ ନାହିଁ ବରଂ ଏଠାରେ ସକ୍ରିୟତାର ସହ କାମ କରିବାକୁ ଯାଉଛି । ସାଇପ୍ରସ ଓ ଅନ୍ୟ ଦେଶମାନଙ୍କୁ ବିଶ୍ୱାସଯୋଗ୍ୟ ସହଯୋଗୀ ଭାବେ ଗ୍ରହଣ କରି କାମ କରିବାକୁ ଚାହୁଁଛି ଓ ଏହା ସହ ତୁର୍କୀକୁ ପ୍ରତ୍ୟକ୍ଷ ଚେତାବନୀ ମଧ୍ୟଏହି ଯାତ୍ରା ଜରିଆରେ ଦିଆଯାଇଛି ।

# ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ

**ଡ. ସମନ୍ୱୟ ନନ୍ଦ**

ବୋଧ ହୁଏ ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି ।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି - ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି ।

ଏହି ଡକ୍ୟୁମେ□ାରୀରେ କୌଣସି ତଥ୍ୟ - ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ ନିର୍ଦ୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି ।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ। ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକ୍ୟୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ -ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ।

ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ବର୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି – "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି । "

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।




# କୋଟାକ ମହିନ୍ଦ୍ରା ବ୍ୟାଙ୍କ କୋଟାକ ସଲିଟେଆର ଶୁଭାରମ୍ଭ ଘୋଷଣା କରିଛି

ଭୁବନେଶ୍ୱର : କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆଜି କୋଟାକ ସଲିଟେଆର ଶୁଭାରମ୍ଭର ଘୋଷଣା କରିଛି, ଯାହାକି ଏକ ଅଗ୍ରଣୀ ବ୍ୟାଙ୍କିଙ୍ଗ ଉପସ୍ଥାପନା ଅତି ସ୍ୱତନ୍ତ୍ର ଭାବରେ ଭାରତର ପ୍ରକୃତ ଧର୍ଣ୍ଣାଢ୍ୟତାର କାରୁକାର୍ଯ୍ୟକୁ ପ୍ରସ୍ତୁତ କରିପାରିଛି ଏହା କେବଳ ଏକ ଉତ୍ପାଦନ ନୁହେଁ – ଏହା ମଧ୍ୟ ଏକ ସୁବିଧା ଅଟେ। ସଲିଟେଆର କେବଳ ଏକ ନିମନ୍ତ୍ରଣ ଅଟେ, ଯାହାକି ବ୍ୟକ୍ତି ଏବଂ ପରିବାର ପାଇଁ କୋଟାକ ସହିତ ଏକ ଗଭୀରତମ ବିବିଧ – ଆର୍ଥିକ ସମ୍ପର୍କର ଦିଗକୁ ନେଇ ସଂରକ୍ଷଣ ଅଟେ। ଏହା କେବଳ ଖାତାର ହିସାବକୃତ ଅର୍ଥରାଶି ନୁହେଁ – ଏହା ସମୁଦାୟ ସଂଚିତ ଅର୍ଥରାଶିର ସଂଯୋଗୀକରଣ ମୂଲ୍ୟ, ପୁଞ୍ଜି ଲଗାଣ, ଋଣ, ବୀମା, ବ୍ୟାଙ୍କ ଦ୍ୱାରା ଡ଼ିମାଟ ଗ୍ରହଣକାରୀ ଅଫର ସହିତ ପରିବାର ସ୍ତରରେ ଏହାକୁ ଗଣନା କରାଯାଏ।

"ଭାରତର ଧର୍ଣ୍ଣାଢ୍ୟ ସେଗମେଂଟ ଦ୍ରୁତ ଭାବରେ ବୃଦ୍ଧି ପାଉଛି, କିନ୍ତୁ ଏହାର ବ୍ୟାଙ୍କିଙ୍ଗ ଅଭିଜ୍ଞତା ଅବସ୍ଥିତିକୁ ରଖିପାରୁ ନାହିଁ," ମତବ୍ୟକ୍ତ କରି କହିଛନ୍ତି,




ରୋହିତ ଭାସିନ, ସଭାପତି, ହେଡ୍ ଅଫ ଆଫ୍ଲୁଏଂଟ, ଏନଆରଆଇ ଆଣ୍ଡ ବିଜିନେଓ ବ୍ୟାଙ୍କିଙ୍ଗ ଆଣ୍ଡ ଚିଫ୍ ମାର୍କେଟିଂଙ୍ଗ ଅଫିସର କୋଟାକ ମହିନ୍ଦ୍ରା ବ୍ୟାଙ୍କ। "ସେହି ଦୂରତା ପାଇଁ ସଲିଟେଆର ଆମର ଦାୟିତ୍ୱ ଅଟେ ଏହା କେବଳ ଉତ୍ପାଦ ନୁହେଁ – ଏହା ଏକ ପ୍ରସ୍ତାବନ ଅଟେ। ସଲିଟେଆର ସଫଳତା, ଲକ୍ଷ୍ୟକୁ ସମ୍ମାନ, ବ୍ୟାଙ୍କିଙ୍ଗ କ୍ଷେତ୍ର କାହାକୁ ନେଇ ପୁନଃକଳ୍ପନା କରିଥାଏ ସେ ସବୁକୁ ନିଶ୍ଚିତ ଭାବରେ ଅନୁଭବ କରିବା।"

ଧର୍ଣ୍ଣାଢ୍ୟ ଗ୍ରାହକ ତଥା ସେମାନଙ୍କର ବ୍ୟାଙ୍କ ଗୁଡ଼ିକ ମଧ୍ୟରେ ସ୍ୱଷ୍ଟ ବିଚ୍ଛିନ୍ନତାକୁ ବିସ୍ତୃତ ଅନୁସନ୍ଧାନ ପ୍ରକାଶ କରିଥାଏ। ସେମାନେ ବିଶେଷ ଭାବରେ ଅଦୃଶ୍ୟତା, ନିଶ୍ଚିତତା ଏବଂ ଭାବପ୍ରବଣ ବିଚ୍ଛିନ୍ନତାକୁ ସେମାନଙ୍କର ବ୍ୟାଙ୍କରୁ ଅନୁଭବ କରିଥାନ୍ତି। କୋଟାକ ଧୀରସ୍ଥିର ଭାବରେ ଏହାକୁ ଶୁଣି ଏକ ସମାଧାନ ପ୍ରତିଷ୍ଠା କରିଥାଏ ଯାହାକି ପ୍ରତ୍ୟେକ୍ଷ ଭାବରେ ଏସବୁର ପ୍ରମୁଖ ଯନ୍ତ୍ରଣା ଦାୟକ ବିନ୍ଦୁ ଗୁଡ଼ିକୁ ଉପସ୍ଥାପିତ କରିଥାଏ । ଯାହା ମଧ୍ୟରେ ରହିଥାଏ: ସ୍ୱୀକୃତି ଏବଂ ବ୍ୟକ୍ତିଗତ କରଣ ଅଭାବ, ଆର୍ଥିକ ଉତ୍ପାଦ ଗୁଡ଼ିକରେ ରହିଥିବା ଖଣ୍ଡ ବିଖଣ୍ଡିତ ସେବା, ପରିବାର – ସ୍ତରର ବ୍ୟାଙ୍କିଙ୍ଗ ଅଭିଜ୍ଞତାର ଅନୁପସ୍ଥିତତା, ଜେନେରିକ ଅଫର ଯାହାକି ଜୀବନଶୈଳୀ ଏବଂ ଆକାଂକ୍ଷାକୁ ଅଣଦେଖା କରିଥାଏ।

ସଲିଟେଆର ଲାଭଦାୟକରେ ଏକ ଗୁଚ୍ଛଠାରୁ ଅଧିକ ଅଟେ – ଏହା ପୁନଃ ପରିକଳ୍ପନାର ଏକ ଅଭିଜ୍ଞତା ଅଟେ ଯାହାକି ଗ୍ରାହକ ଏବଂ ସେମାନଙ୍କର ପରିବାରକୁ କେନ୍ଦ୍ରରେ ରଖିଥାଏ। ୮ କୋଟି ଟଙ୍କାର ପ୍ରି-ଆପ୍ରୁଭଡ଼ କ୍ରେଡ଼ିଟ ଲାଇନ୍ସ ଯାହାକି ଗୃହ ଋଣ, ବ୍ୟକ୍ତିଗତ ଋଣ ଏବଂ କ୍ରେଡ଼ିଟ୍ କାର୍ଡ଼ ମଧ୍ୟରେ ରହିଛି। ସେଗମେଂଟର ବିଶେଷ ସମାଧାନ ଯାହାକି ବେତନ ଭୋଗୀ ବୃତ୍ତିଗତ ଏବଂ ଉଦ୍ୟୋଗୀ ମାନଙ୍କ ପାଇଁ ଉଦ୍ଦିଷ୍ଟ । ପରିବାର - ପ୍ରଥମ ବ୍ୟାଙ୍କିଙ୍ଗ ସହିତ ସଂଯୋଗୀକୃତ କ୍ରେଡ଼ିଟ ଲିମିଟସ ତଥା ସୁବିଧା ଗୁଡ଼ିକ ଉତ୍ସର୍ଗୀକୃତ ସମ୍ପର୍କ ସ୍ଥାପନ ଏବଂ ସେବା ପରିଚାଳକ ଯାହାକି ବାଧାହୀନ, ଉଚ୍ଚମାନର ସ୍ପର୍ଶକାରୀ ସହାୟତା ପାଇଁ ଉଦ୍ଦିଷ୍ଟ। ବ୍ୟାଙ୍କିଙ୍ଗ, ସମ୍ପି, ବୀମା ତଥା ଜୀବନଶୈଳୀ ମଧ୍ୟରେ କୋଟାକର ସର୍ବୋତ୍ତମ ଅଭିଜ୍ଞତା। ସଲିଟେଆର ଅଭିଜ୍ଞତାର ଏକ ଅଂଶବିଶେଷ ଭାବରେ କୋଟାକ ଏହି ସଲିଟେଆର କ୍ରେଡ଼ିଟ କାର୍ଡ଼ର ଉପସ୍ଥାପନ କରିଛି ଯାହାକି କାର୍ଯ୍ୟକ୍ରମର ନୈତିକତାକୁ ପ୍ରତିଫଳନ କରୁଛି।

"ଏହିକାର୍ଡ଼ ଆପଣଙ୍କୁ କେବଳ ପୁରସ୍କୃତ କରିବା ନାହିଁ – ଏହା ଆପଣଙ୍କ ଯାତ୍ରାକୁ ସମ୍ମାନ ଜଣାଇବ," ମତବ୍ୟକ୍ତ କରି କହିଛନ୍ତି, ଫ୍ରେଡ୍ରେରିକ୍ ଡ଼ିସୋଜା, ବିଜିନେଓ ହେଡ୍ କ୍ରେଡ଼ିଟ କାର୍ଡ଼। "ଏହା ସେହିମାନଙ୍କ ପାଇଁ ଡ଼ିଜାଇନ ହୋଇଛି ଯେଉଁମାନେ କି ଉଚ୍ଚ ସ୍ଥାନରେ ଅଧିକ ଉପାର୍ଜନ କରିଥାନ୍ତି ଏବଂ ସେମାନଙ୍କ ପରିବାରକୁ ସେହି ଏକା ଧରଣର ସେବା ତଥା ସ୍ୱୀକୃତି ଦେବା ପାଇଁ ଅତି ଖୁସି ହୋଇଥାନ୍ତି। ସଲିଟେଆର କେବଳ ନିମନ୍ତ୍ରଣ ମାଧ୍ୟମରେ ଉପଲବ୍ଧ ହୋଇଥାଏ।

# ଭିସୁଟରେ ମୋ ସାହିତ୍ୟରେ, ମୋ ସ୍ୱପ୍ନର ଓଡ଼ିଶା

ସମ୍ବଲପୁର, : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ର ଲିଟରାରୀ ସୋସାଇଟି ଆନୁକୂଲ୍ୟରେ "ମୋ ସାହିତ୍ୟରେ, ମୋ ସ୍ୱପ୍ନର ଓଡିଶା" ଶୀର୍ଷକ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ପ୍ରବକ୍ତା, ସାହିତ୍ୟିକ ଓ ଗବେଷକ ପଦ୍ମଶ୍ରୀ ପଣ୍ଡିତ ଡ଼. ଅନ୍ତର୍ଯାମୀ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଡ଼. ମିଶ୍ର ଓଡ଼ିଆ ସାହିତ୍ୟର ଗଭୀରତା, ଆତ୍ମା ଓ ସଂସ୍କୃତିକ ମୂଲ୍ୟ ବିଷୟରେ ତାଙ୍କର ଦୃଢ଼ ଦୃଷ୍ଟିକୋଣ ଓ ଅନୁଭୂତି ସହ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ମୋ ସାହିତ୍ୟରେ ମୋ ସ୍ୱପ୍ନର ଓଡ଼ିଶା କେବଳ ଏକ ଅଭିବ୍ୟକ୍ତି ନୁହେଁ, ଏହା ଓଡ଼ିଶାର ଭବିଷ୍ୟତ ଆଧାରିତ ଦୃଷ୍ଟିକୋଣ, ଯାହା ଭାଷା ଓ ସାହିତ୍ୟ ମାଧ୍ୟମରେ ଗଢ଼ିଉଠିଥିବା ଏକ ଓଡ଼ିଶା ରୂପରେ ପ୍ରକାଶିତ ହୋଇଥିଲା। ଶବ୍ଦରେ ଓଡ଼ିଆ ସାହିତ୍ୟ ହେଉଛି ଏକ ଅଦୃଶ୍ୟ ଶକ୍ତି ଯାହା ଜନମେ ଜନମେ ଜନତାଙ୍କ ଭିତରେ ଅନୁପ୍ରେରଣା ଦେଇଥାଏ ବୋଲି ଡ଼. ମିଶ୍ର କହିଥିଲେ।କାର୍ଯ୍ୟକ୍ରମ ଆରମ୍ଭରେ ସିଡିସିସି ଡିନ୍, ପ୍ର. ଡ. ଗଣେଶ୍ୱର ନାଥ ନିଜ ସ୍ୱାଗତ ସଂଭାଷଣରେ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଡ଼. ଦୀପକ କୁମାର ସାହୁ, ଡ଼. ମିଶ୍ରଙ୍କ ସାହିତ୍ୟ ଓ ଭାଷା ପ୍ରତି ଅନୁପମ ଅବଦାନ ପ୍ରତି ବିଶେଷ ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଦୀପ କୁମାର ଡାଙ୍ଗ ଓଡ଼ିଆ ସାହିତ୍ୟ ଓ ପରମ୍ପରା, ଗରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଭିସୁଟ ଲିଟରାରୀ ସୋସାଇଟି ର ଉପଦେଷ୍ଟା ଡ଼. ଦେବସ୍ମିତା ମିଶ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଲିଟରାରୀ ସୋସାଇଟି ପକ୍ଷରୁ ଡ଼. ଅନ୍ତର୍ଯାମୀ ମିଶ୍ରଙ୍କୁ ଲିଟେରାରୀ ଲରିଏଟ୍ ଅଫ୍ ଓଡିଶା ର ସମ୍ମାନ ପ୍ରଦାନ କରାଯାଇଥିଲା। ଲିଟରରୀ ସୋସାଇଟି ର ଏହି ପ୍ରୟାସ ଓଡ଼ିଆ ସାହିତ୍ୟ ପ୍ରତି ଏକ ନୂଆ ଚେତନା ଓ ଉତ୍ସାହ ସୃଷ୍ଟି କରିଛି, ଯାହାକି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ସାହିତ୍ୟ ସଙ୍ଗଠନ ଓ ସଂସ୍କୃତିକ ଚେତନା ବୃଦ୍ଧିରେ ସହାୟକ ହେବ ବୋଲି ସାହିତ୍ୟିକମାନେ ମତ ଦେଇଥିଲେ।

# ମହାନଗର କମିଶନରଙ୍କ ସମ୍ବଲପୁରୀ ଡେରା ପରିଦର୍ଶନ

ସମ୍ବଲପୁର, : ସମ୍ବଲପୁର ମହାନଗର କମିଶନର ବେଦଭୂଷଣ ବୁଧବାର ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିଦର୍ଶନ କରିବା ପରେ ସେଠାରେ ଚାଲିଥିବା ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଗୁରୁ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପାଇଁ ସାରା ଜୀବନ ଉଦ୍ୟମ କରିଥିଲେ। ସେଥିପାଇଁ ତାଙ୍କର ଜନ୍ମଦିନ ଅଗଷ୍ଟ ଏକ ତାରିଖକୁ ସମ୍ବଲପୁରୀ ପ୍ରେମୀ ସମ୍ବଲପୁରୀ ଦିନ ଭାବେ ପାଳନ କରିଆନ୍ତି। ତେବେ ୨୦୧୩ ମସିହାରୁ ଗୁରୁ ବହିଦାରଙ୍କ ସ୍ମୃତିରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଜେଳ ଛକ ନିକଟରେ ରହିଥିବା ଖାଲି ସ୍ଥାନକୁ ବିକଶିତ କରିବା ଆରମ୍ଭ କରିଥିଲା। ୨୦୧୭ ମସିହାରେ ସମ୍ବଲପୁର ପ୍ରଶାସନ ପକ୍ଷରୁ ଗୁରୁ ସତ୍ୟନାରାୟଣ ସ୍ମୃତି ରେ ଉଦ୍ୟାନ ନିର୍ମାଣ କରାଯାଇଥିଲା। ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରୀ ଡେରା ପରିଦର୍ଶନ ସମୟରେ ଏହାର ବିକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମହାନଗର ନିଗମ ପକ୍ଷରୁ ସମ୍ବଲପୁରୀ ଡେରାର ପଛ ପାର୍ଶ୍ୱରେ ପାଚେରୀ ନିର୍ମାଣ କାମ ଶେଷ କରାଯାଇଥିବା ବେଳେ ସାମନା ଅଂଚଳକୁ ସମତୁଳ କରାଯାଉଛି। ସମ୍ବଲପୁର ସହରର ପ୍ରମୁଖ ସ୍ଥାନରେ ରହିଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆଗାମୀ ସମୟରେ ଅନେକ ରକମର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ସୁଯୋଗ ରହିଛି। ସେଥିପାଇଁ ଡେରା ପରିସରରେ ରହିଥିବା ଜବରଦଖଲ ଉଚ୍ଛେଦ କରାଯାଇ ଅଂଚଳର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଉଥିବା କମିଶନର ସୂଚନା ଦେଇଥିଲେ। ସମ୍ବଲପୁର ସହର ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆଗାମୀ ଦିନରେ ସମ୍ବଲପୁରୀ ଡେରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ତେଣୁ ସମ୍ବଲପୁରୀ ଡେରା ପରିସରରେ ଏଣ୍ଡେଣ୍ଡୁ ନିର୍ମାଣ ନକରି ଏହାର ଯୋଜନାବଦ୍ଧ ବିକାଶ କରାଯିବାର ଆବଶ୍ୟକତା ରହିଥିବା କମିଶନର କହିଛନ୍ତି। ଏହାସହ ସମ୍ମୁଖ ଭାଗ ସୌନ୍ଦର୍ଯ୍ୟକରଣ କାମଯାଉଛି। ମହାନଗର କମିଶନର ଡେରା ପରିସରରେ ଚାଲିଥିବା ବିକାଶ କାମ ତଦାରଖ କରିବା ସହ ନିର୍ମାଣ କାମ ତ୍ୱରାନ୍ୱିତ କରି ସମ୍ବଲପୁରୀ ଦିନ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁରୀ ଡେରା ପରିଦର୍ଶନ ଅବସରରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ୧୩ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ପାଇ ନିମନ୍ତ୍ରଣ କରାଯାଇଥିଲା । ତେବେ ମହାନଗର କମିଶନର ବେଦଭୂଷଣଙ୍କର କନ୍ଧମାଳ ଜିଲାପାଳ ଭାବେ ବଦଳି ହୋଇଥିବା ବେଳେ ସମ୍ବଲପୁରୀ ଡେରା ପାଇଁ ରହିଥିବା ବିକାଶ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି ମହାନଗର କମିଶନର ମଂଚର ସଦସ୍ୟ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଶଙ୍କର ମେହେର, ପ୍ରଥମ ନାରାୟଣ ପଣ୍ଡା, ସନ୍ତୋଷ ବଡ଼ାଇ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶାନ୍ତିସ୍ତୁପଠାରେ ଚାରୁକଳା ମହାବିଦ୍ୟାଳୟର ସ୍ୱାଗତିକା ଉତ୍ସବ

ଭୁବନେଶ୍ୱର, : ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳରେ ଆୟୋଜିତ ହୋଇଯାଇଛି ସ୍ୱାଗତିକା ଉତ୍ସବ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ସଦସ୍ୟା କମଳିନୀ ରଥ ଓ ରଣପୁର ବ୍ଲକ ରିଶୋର୍ସ ଟିଚର ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କଠିନ ପରିଶ୍ରମ ଓ ସାଧନା ଛାତ୍ର ଛାତ୍ରୀମାନଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥାଏ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଅତିଥିମାନେ ଅନୁଷ୍ଠାନର ସୃଜନଶୀଳ ଦିଗ ଓ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ । ଉତ୍ସବ ଅବସରରେ



ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନବାଗତ ଛାତ୍ର ଓ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ୩ ୟ ବର୍ଷର ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।ଏହି ଅବସରରେ ଉପାଧକ୍ଷ ଚନ୍ଦନ କୁମାର ସାମଲ, ଅଧାପକ ରାମଶଙ୍କର ସାହୁ,ଯନିତା ପ୍ରିୟଦର୍ଶନୀ,ଭୂପତିଭୂଷଣ ପଣ୍ଡା ,ସୁବାସ ମୁଦୁଲି,ଲକ୍ଷ୍ମୀଧର ସ୍ୱାଇଁ ଓ ସୋଫିୟା ଜସ୍ମିନ ପ୍ରମୁଖ ଛାତ୍ର ଛାତ୍ରୀମାନଙ୍କୁ କଳାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ରେଡ଼ିଓ ଭାବଗ୍ରାହୀରେ ଜାତୀୟ ପ୍ରସାରଣ ଦିବସ ପାଳିତ

କେନ୍ଦ୍ରାପଡ଼ା, : ବହୁଜନ ହୀତାୟ ବହୁଜନ ସୁଖାୟ ନୀତିକୁ ସଠିକ ଭାବରେ ପାଳନ କରି ଆଜିବି ଆକାଶବାଣୀ କେବଳ ଭାରତ ବର୍ଷ କାହିଁକି ସମଗ୍ର ବିଶ୍ୱରେ ଜନପ୍ରିୟତାର ଶୀର୍ଷରେ ରହିଛି। ୧୯୨୭ ମସିହା ଜୁଲାଇ ୨୩ ତାରିଖରେ ଇଣ୍ଡିଆନବ୍ରଡ଼ କାଷ୍ଟିଙ୍ଗ କମ୍ପାନୀ ଆମ ଭାରତରେ ପ୍ରଥମ ପ୍ରସାରଣ ଆରମ୍ଭ କରିଥିଲା। ସେହି ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଆଜି ଜାତୀୟ ପ୍ରସାରଣ ଦିବସ ଆମ ଦେଶରେ ବିଭିନ୍ନ ପ୍ରସାରଣ ସଂସ୍ଥା ପକ୍ଷରୁ ପାଳନ କରାଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଭାବଗ୍ରାହୀ ଆନୁକୂଲ୍ୟରେ ଭାବଗ୍ରାହୀ କଳା ନିକେତନର ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଜାତୀୟ ପ୍ରସାରଣ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୋଉଡ ସ୍ଥିତବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ ମୁଖ୍ୟ ଅତିଥି, ପଣ୍ଡିତ ପଦ୍ମନାଭ ଦାଶ ମୁଖ୍ୟ ବକ୍ତା, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ପ୍ରଫେସର ପ୍ରଶାନ୍ତ କୁମାର ସାମଲ, ସତାର୍ଥର ସଭାପତି ଅମର ପ୍ରସାଦ ରାଉତ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଙ୍ଗଠନର ସମ୍ପାଦକ ଚିତରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଜାତୀୟ ପ୍ରସାରଣ ଦିବସର ଆଭିମୁଖ୍ୟ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ। ଆରମ୍ଭରେ ଲୋକକବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡା, ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତୀରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ନିରୁପମା ଜେନା ସ୍ୱାଗତ ସଙ୍ଗୀତ ସମେତ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଭଜନ ଗାଇଥିଲେ। ଗୀତିକାର ବିମଳ ପରିଡା ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେବା ଛଳରେ ରେଡ଼ିଓ ଭାବଗ୍ରାହୀର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଗଗନ ବିହାରୀ ଜେନା, କଣ୍ଠଶିଳ୍ପୀ ଅଜୟ ମହାନ୍ତି, କବି ବିଷ୍ଣୁପ୍ରିୟା ସାମଲ, ବିକ୍ରମ କେଶରୀ ସାମଲ, କବି ଅଶୋକ କୁମାର ସାହୁ, ଅଚ୍ୟୁତାନନ୍ଦ ପରିଡା, ଶିକ୍ଷକ ବିଜୟ ଚନ୍ଦ୍ର ଦାସ, ସ୍ୱର୍ଣ୍ଣକାନ୍ତ ପରିଡା, ନୀରୋଦ ପରିଡ଼ା, ସାଇ ନିତିନ୍ ମହାନ୍ତି, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା, ପ୍ରସାରଣ ସହାୟକ ଗୌରବ କୁମାର ଦାସ, ଭାଗବତ ବରାଳ, ଉତମ ସାହୁ, ତୋଫାନ ମଲିକ, ଅମର ବିଶ୍ୱାଳ, ଗୌରାଙ୍ଗ ଭୋଇ, ସର୍ବେଶ୍ୱର ପରିଡ଼ା, ନିର୍ମଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ସହିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ପ୍ରବନ୍ଧକ ବିକ୍ରମ କେଶରୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଲ୍ଲୀ AIIMS ଠାରେ ପୀଡିତାଙ୍କୁ ଭେଟିଲେ ସୁନୀତି ମୁଣ୍ଡ

ଦିଲ୍ଲୀ, ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀର ବଳଙ୍ଗା ଠାରେ ଷୋହଳ ବର୍ଷର ଖାତୁନ (ନାବାଳିକା ହେତୁ ନାମ ଦିଆଯାଇନାହିଁ)କୁ ଆଜି ସୁନୀତି ମୁଣ୍ଡ ଦିଲ୍ଲୀ ସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧିନ ଥିବା ଅବସ୍ଥାରେ ଭେଟିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଓ ଅଭାବନୀୟ ଘଟଣା ପ୍ରତି ସୁନୀତି ଦୁଃଖ ପ୍ରକାଶ କରିବା ସହିତ ଅତ୍ୟନ୍ତ ମର୍ମାହତ ଥିବା ବ୍ୟକ୍ତ କରିଛନ୍ତି। ପୀଡିତାଙ୍କ ଶରୀର ଉପରି ଭାଗରେ ବିଶେଷ କ୍ଷତି ନାହିଁ କିନ୍ତୁ ପେଟ ଠାରୁ ତଳକୁ ପାଦ ପର୍ଯ୍ୟନ୍ତ କ୍ଷତି ଗ୍ରସ୍ତ ହୋଇଥିବା ସେ ପ୍ରକାଶ କରିଛନ୍ତି । ସୁନୀତି ପୀଡିତାଙ୍କ ପିତାଙ୍କ ସହିତ କଥା ହୋଇ ଝିଅଟିର ଚିକିତ୍ସା ସମ୍ପର୍କରେ ବୁଝାଶୁଝା କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ପରିବାର ଲୋକଙ୍କ ଠାରୁ ପ୍ରକାଶ। ଝିଅର ଅବସ୍ଥାକୁ ନେଇ ତାଙ୍କ ପିତା ଖୁବ୍ ଭାଙ୍ଗିପଡିଥିବା ବେଳେ ସୁନୀତି ତାଙ୍କୁ ଆଶ୍ୱସ୍ତ କରିଛନ୍ତି । ତାଙ୍କର ଦୁଇ ଝିଅ ମଧ୍ୟରୁ ପୀଡିତା ବଡ, ଯିଏକି ଅଷ୍ଟମ ଶିକ୍ଷାପରେ ତିନି ବର୍ଷ ହେଲା ପାଠ ପଢ଼ା ଛାଡି ଦେଇ ଘରେ ଥିଲେ। ଦୁର୍ଘଟଣା ଦିନ ସକାଳ ସାତଟା ସମୟରେ ସେ ଘରୁ କୌଣସି କାରଣ ବଶତଃ ବାହାରକୁ ଯାଇଥିବାବେଳେ କିଛି ଦୁର୍ବୃର୍ତ୍ତ



ଏଭଳି କାଣ୍ଡ ଭିଆଇ ଥିବାଜଣାପଡ଼ିଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଶୀଘ୍ର ସୁସ୍ଥ ହୁଅନ୍ତୁ, ଏହା ମହାପ୍ରଭୁଙ୍କ ଠାରେ ସେ ପ୍ରାର୍ଥନା କରିଛନ୍ତି । ଦୁର୍ବୃର ମାନଙ୍କୁ ସରକାର ଶୀଘ୍ର ଠାବ କରି ଉପଯୁକ୍ତ ଦଣ୍ଡ ତୁରନ୍ତ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ



କ.ନୂଆଗାଁ, : କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସଭା ଗୃହରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି।କନ୍ଧମାଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ବାଲିଗୁଡ଼ା ଉପ ଜିଲ୍ଲାପାଳ ଡ଼ଃ ରୀନା ପ୍ରଧାନ ସାଧାରଣ ଲୋକଙ୍କ ୬୫ ଟି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସମ୍ପର୍କିତ ଅଭିଯୋଗ ଗ୍ରହଣ କରି ସମାଧାନ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ୪୬ ଟି ବ୍ୟକ୍ତିଗତ ଓ ୧୯ ଟି ଗୋଷ୍ଠୀଗତ ସମସ୍ୟା ସମ୍ବଳିତ ଅଭିଯୋଗ ଆସିଥିଲା। ଏହା ସହିତ ୩୯ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଉପ ଜିଲ୍ଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇ ଥିଲା ବେଳେ ସାରଙ୍ଗ ଗଡ଼ ଅଞ୍ଚଳର ଜନସାଧାରଣ ମେଡ଼ିକାଲରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦୀ, ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ,ବାଲିଗୁଡ଼ା ଆଇଟିଡିଏ ପିଏ କୃପାସିନ୍ଧୁ ବେହେରା, ସିଡିଏମଓ ଡାକ୍ତର ସନ୍ତୋଷ କୁମାର ପାଢ଼ୀ,ତହସିଲଦାର ଆନନ୍ଦ କୁମାର ପଣ୍ଡା, ବିଡ଼ିଓ ଶୁଭ୍ରାଞ୍ଜଳୀ ପ୍ରଧାନ,ସହକାରୀ ନୀର୍ବାହୀ ଯନ୍ତ୍ରୀ ଇଂ ଶୋଭମ ମହାପାତ୍ର,ସହକାରୀ ଯନ୍ତ୍ରୀ ଇଂ ପ୍ରକାଶ କୁମାର ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ାକ୍ତର ପ୍ରିୟବ୍ରତ ପାଣିଗ୍ରାହୀ,ମୃତ୍ତିକା ସଂରକ୍ଷଣ ଅଧିକାରୀ ରବି ନାରାୟଣ ଭୂୟାଁ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ବୁରୁମାଝୀ ପତ୍ରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିଭୁ ଦତ୍ତ ବିଶ୍ୱାଳ,ବନାଞ୍ଚଳ ଅଧିକାରୀ ରମାକାନ୍ତ କହଁର,ବନପାଳ ଶୁଶାନ୍ତ କୁମାର ବୈଶାଖୀ, ଜିପିଇଓ ଅନିଲ କୁମାର ପଟ୍ଟନାୟକ, ସିପି ରାକେଶ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ପଦାଧିକାରୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରି ଥିଲେ।

# ଠାକୁରମୁଣ୍ଡା ବନବିଭାଗର ଚଢ଼ାଉରେ ସଫଳତାର ସହ ଦୁଇ ଶିକାରୀ ଗିରଫ

କରଞ୍ଜିଆ, : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଧିନ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଅସନକୁଦର ଏବଂ ରାଣୀଭୋଳ ଗ୍ରାମରେ କରଞ୍ଜିଆ ଏବଂ ଠାକୁରମୁଣ୍ଡା ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିଭିନ୍ନ ପଶୁ ଶିଙ୍ଗ, ହାଡ ,ସମ୍ବରମାଂସ ସହ ବିଭିନ୍ନ ହାତହତିଆର ଜବତ ସହ ଦୁଇ ଅଭିଯୁକ୍ତ କୁ ଗିରଫ କରାଯାଇଛି।ସୂଚନା ଅନୁଯାୟ ଏଆଇ କ୍ୟାମେରା ର ତଥ୍ୟ କୁ ଆଧାର କରି ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ ଏସିଏଫ ଙ୍କ ତତ୍ତ୍ୱାବଧାନ ରେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଶ୍ରୀଯୁକ୍ତ ଉମାକାନ୍ତ ବେହେରା ଏବଂ ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଗାଚରଣ ବାସକେ



ଙ୍କ ନେତୃତ୍ୱରେ ତଥା କରଞ୍ଜିଆ ବନଖଣ୍ଡ ଓ ଡଙ୍ଗାଡିହା ବନ୍ୟପ୍ରାଣୀ ସେକ୍ସନ କର୍ମଚାରୀ ମିଳିତ ସହାୟତାରେ ଉକ୍ତ ଦୁଇ ଗ୍ରାମରେ ସଦଳବଳେ ଚଢ଼ାଉ କରିଥିଲେ।ଉକ୍ତ ଚଢ଼ାଉ ରେ ଅସନକୁଦର ଗ୍ରାମର ୪୪ବର୍ଷୀୟ ଫକୀର ଚକିଆ ଏବଂ ରାଣୀଭୋଳ ଗ୍ରାମର ୨୧ବର୍ଷୀୟ କମଳା ଡାଙ୍ଗିଲ କୁ ଗିରଫ କରିବା ସହ ବେଆଇନ ମାରଣାସ୍ତ୍ର ,ବହୁ ପରିମାଣର ବାରହା ଦାନ୍ତ, ପକ୍ଷୀ ଅଂଶବିଶେଷ, ସମ୍ବର ଶିଙ୍ଗ ,ଖପୁରୀ ସହ ସମ୍ବର ମାଂସ ଆଦି ଜବତ କରିଥିଲେ।ଠାକୁରମୁଣ୍ଡା ବନବିଭାଗ ପକ୍ଷରୁ ଉଭୟ ଶିକାରୀଙ୍କ ବିରୋଧରେ କେଶ ନମ୍ବର ଟଜ ୦୩ଞ୍ଜତଷ-୨୦୨୫/୨୬ ରେ ମାମଲା ରୁଜୁ କରାଯାଇ ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା କ୍ଷକୋର୍ଟ କେଶ ନମ୍ବର ୨ଈଉଉ -୪୬/୨୦୨୫ ର ଜାମିନ ରଦ୍ଦ ସହ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ହସ୍ତାନ୍ତର କରାଯାଇଛି। ତେବେ ଏତେ ସଂଖ୍ୟକ ପଶୁପକ୍ଷୀ ଙ୍କ ଅଂଶବିଶେଷ ମିଳିବା ନେଇ ଠାକୁରମୁଣ୍ଡା ବନବିଭାଗ ପକ୍ଷରୁ ସବିଶେଷ ତଥ୍ୟ ହାସଲ ନିମନ୍ତେ ତଦନ୍ତ ଜାରି ରହିଥିବା ଜଣାପଡିଛି।

# ଟ୍ରାକ୍ଟର ଓଲଟି ଜଣେ ମୃତ

ଉଟଲି, : ବରଗଡ ଜିଲ୍ଲା ଉଟଲି ବ୍ଲକ ଅନ୍ତର୍ଗତ ସୁଲସୁଲିଆ ଗ୍ରାମରେ ଟ୍ରାକ୍ଟରରେ ଚାପି ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି। ଗ୍ରାମର ଟ୍ରାକ୍ଟର ମାଲିକ ଲମ୍ବୋଦର ସା (୩୭) ସକାଳ ୧୦ ଟା ସମୟରେ ଧାନ ଚାଷ କାମ ପାଇଁ ଟ୍ରାକ୍ଟର ସାହାର୍ଯ୍ୟରେ ହଳ କରି ରାସ୍ତା ଉପରକୁ ଚଢିଲା ବେଳେ ଭାରସାମ୍ୟ ହରାଇ ଓଲଟି ଯିବାରୁ ଗାଡ଼ି ତଳେ ଚାପି ହୋଇଯାଇଥିଲେ । ମୁଣ୍ଡ ଏବଂ ଛାତିରେ ଗଭୀର ଆଘାତ ହେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଉଟଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ମୃତ ଶରୀରକୁ ବାହାର କରି ସବ ବ୍ୟବଛେଦ ପାଇଁ ପଠାଇଥିଲା । ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଅପରାହ୍ନରେ ସରିବାପରେ ଗାଁ ମାଟି ସୁଲସୁଲିଆ ଗ୍ରାମରରେ ସବଦାହ କରାଯାଇଥିଲା । ମୃତ ଲମ୍ବୋଦର ବିବାହିତ ଥିଲେ ଏବଂ ପତ୍ନୀଙ୍କ ସହିତ ତାଙ୍କ ୧୧ ଓ ୮ ବର୍ଷ ବୟସର ଦୁଇ ଝିଅ ଥିବା ସୂଚନା ମିଳିଛି । ଖବର ପ୍ରସାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ରହିଛି।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Saturday July 26 | ଭୁବନେଶ୍ୱର ଶନିବାର, ୨୬, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ବ୍ଲକ ସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରଦର୍ଶନୀ କାର୍ଯ୍ୟକ୍ରମ




ଗୋଲାମୁଣ୍ଡା,(ପି.ଏନ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ନେଇ ଗୋଲାମୁଣ୍ଡା ନୋଡାଲ ହାଇସ୍କୁଲ ଠାରେ ବ୍ଲକ ସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରଦର୍ଶନୀ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୀଳାମ୍ବର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁରା ମହାନନ୍ଦ, ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ, ଗଙ୍ଗାଧର ରାଉତ,ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ପ୍ରମୁଖ ମଞ୍ଚାସିନ ଥିଲେ । ସଭା କାର୍ଯ୍ୟକୁ ମାନଝରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦାନନ୍ଦ ମେହେର ପରିଚାଳନା କରିଥିଲେ । ଉପସ୍ଥିତ ଅତିଥି ବୃନ୍ଦ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଶକ୍ତି ସଂରକ୍ଷଣ ଏକାନ୍ତ ଆବଶ୍ୟକ ବୋଲି ଛାତ୍ର ଛାତ୍ରୀଙ୍କୁ ବୁଝାଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶନ କରି ମୋଟ ୪୩ଟି ପ୍ରକଳ୍ପ ମାଧ୍ୟମରେ ଜନ ସଚେତନତା ବାର୍ତ୍ତା ଦେଇଥିଲେ । ବିଚାରକ ଭାବେ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଓ କବିପ୍ରସାଦ ପଟ୍ଟନାୟକ ଉପସ୍ଥିତ ରହି ନିଷ୍ପତ୍ତି ନେଇଥିଲେ । ପରିଶେଷରେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ବିଦ୍ୟାଳୟର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ନୂତନ ଓଡିଶା ନିର୍ମାଣରେ ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଓ ଉତ୍କଳ ଜୟଦେବ ସମ୍ମାନ -୨୦୨୫




ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଲକାଟି ସ୍ଥିତ ନିର୍ମାଣ ଏଜୁକେସାନ ଟ୍ରଷ୍ଟ ଅଡିଟରିୟମରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଉତ୍କଳ ଜୟଦେବ ଫାଉଣ୍ଡେସନ୍ ଟ୍ରଷ୍ଟ ମୁଖ୍ୟ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଦିନିକିଆ ଆଲୋଚନା ଚକ୍ର 'ନୂତନ ଓଡ଼ିଶାର ନିର୍ମାଣରେ ଭୂମିକା' ଶୀର୍ଷକ ଆଲୋଚନା ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଯୁବକମାନେ ନିଶାମୁକ୍ତ ଓ ମୋବାଇଲରେ ଅଧିକ ସମୟ ଅଯଥାରେ ନଦେଇ ନିଜର ପଠନ ସହିତ କିଛି କିଛି ସମୟ ସମାଜ ପାଇଁ କାର୍ଯ୍ୟ କରିବା ନେଇ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ ତାଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀଙ୍କ ସମାଜରେ ସମାନତା, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମାନତା ସୃଷ୍ଟି ହେଲେ ରାଜ୍ୟ ଓ ଦେଶର ବିକାଶ ଘଟିବ । ଅନ୍ୟତମ ଅତିଥି ଭାବେ ନିର୍ମାଣ ଏଜୁକେସନ ଟ୍ରଷ୍ଟର ନିର୍ଦ୍ଦେଶକ ସିଦ୍ଧେଶ୍ୱର ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀ ନିଜ ନିଜ କର୍ମକୁ ଭଲ ପାଇବା ଆଗ୍ରହ ସହକାରେ କାର୍ଯ୍ୟ କଲେ ସମାଜର ବିକାଶ ହେବ । ଯୁବସମାଜ ସେବୀ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ପରିବେଶ ପାଇଁ କାର୍ଯ୍ୟରତ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇଙ୍କୁ ଉତ୍କଳ ଜୟଦେବ ସମ୍ମାନ -୨୦୨୫ ପ୍ରଦାନ କରାଯାଇଥିଲା । ଶେଷରେ ଯୁବ ସମାଜସେବୀ ଦୀପକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ପ୍ରେରଣାଦାୟୀ: ଛତିଶଗଡ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ପି.ଏନ): ଜୀନବରେ କିଛି ହାସଲ କରିବା ପାଇଁ ସମ୍ବଳ ଅପେକ୍ଷା ଇଚ୍ଛାଶକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ । ଜନହିତକର କାର୍ଯ୍ୟ କରିବାର ଲକ୍ଷ୍ୟ ନେଇ ଜଣେ ସାଧାରଣ ବ୍ୟକ୍ତି ମଧ୍ୟ ମହାନ କାର୍ଯ୍ୟ ହାସଲ କରିପାରିବେ ବୋଲି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ କହିଛନ୍ତି । ଗତ ୫ ତାରିଖରେ ଛତିଶଗଡ ନବନିର୍ବାଚିତ ଗ୍ରାମ ପଞ୍ଚାୟତ ପ୍ରତିନିଧିଙ୍କ ୩ଦିନିଆ ସରକାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା ପ୍ରକାଶ କରିଥିଲେ । ଏହି ଅବସରରେ ସେ ଉଦାହରଣ ଦେଇ କହିଥିଲେ, ଯେଉଁ ପ୍ରେରଣାଦାୟକ ଲୋକଙ୍କର ଜନସେବା କାର୍ଯ୍ୟକୁ ସେ ନିକଟରୁ ଦେଖିବାର ସୁଯୋଗ ପାଇଛନ୍ତି, ସେମାନଙ୍କ ମଧ୍ୟରେ ରହିଛନ୍ତି ଡ ଅଚ୍ୟୁତ ସାମନ୍ତ ଏବଂ ନାନାଜୀ ଦେଶମୁଖ । ପିଲାଦିନରୁ ଦାରିଦ୍ର୍ୟରେ ବ?ିଥିବା ଅଚ୍ୟୁତ ସାମନ୍ତ ଜୀବନସାରା ଲୋକଙ୍କ ସେବା କରିବାର ପ୍ରତିଜ୍ଞା ନେଇ ଭୁବନେଶ୍ୱରରେ ଏକ ବଡ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନରେ ସେ ପ୍ରାୟ ୨୫ ହଜାର (ଏବେ ୪୦ ହଜାର) ଆଦିବାସୀ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ କରୁଛନ୍ତି। ଏଥିରୁ ବୁଝାପଡ଼ ? ଯେ, ଜଣେ ବ୍ୟକ୍ତିର ଇଚ୍ଛା ଶକ୍ତି ଥିଲେ ସମାଜରେ ବଡ ପରିବର୍ତ୍ତନ ଆଣିପାରେ ବୋଲି ଶ୍ରୀ ସାଏ କହିଥିଲେ। ଏମାନେ ଆମ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଛତିଶଗଡ ମୁଖ୍ୟମନ୍ତ୍ରୀ ଓଡିଶାର ଜଣେ ବ୍ୟକ୍ତିଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି, ଏହା ଓଡିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ପ୍ରଶଂସା କରିଥିବାରୁ ସେ ତାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି । ଶ୍ରୀ ସାମନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି ମୋର ଅନୁପସ୍ଥିତିରେ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ ମୋ ପାଇଁ ଶ୍ରେଷ୍ଠ ସମ୍ମାନ।

## ଚକ୍ରାନ୍ତ କରି ୱାଗନ ରେ ସାର ବସ୍ତା ଲୋଡିଙ୍ଗ ବନ୍ଦ ଯୋଗୁଁ ପିଆଇସିଟି ର କ୍ଷତି ଅଭିଯୋଗ !

ପାରାଦୀପ,(ପି.ଏନ): ଡବଲ ଇଞ୍ଜିନ ସରକାର ଗଠନ ପରେ ପାରାଦୀପ ଶିଳ୍ପାଞ୍ଚଳରେ ଦୀର୍ଘ ଦିନ ଧରି ଲାଗିରହିଥିବା ଶ୍ରମିକ ଅଶାନ୍ତି ଧିରେ ଧିରେ ପ୍ରଶମିତ ହେଉଥିବା ବେଳେ ନିର୍ଦ୍ଦିଷ୍ଟ ବହିରାଗତ ଶ୍ରମିକ ନେତା ନିଜର ଅନୈତିକ ସ୍ୱାର୍ଥ ସୁରକ୍ଷା ପାଇଁ ଶିଳ୍ପାନୁଷ୍ଠାନରେ ପୁଣି ଅଶାନ୍ତି ସୃଷ୍ଟି କରୁଥିବାର ଦୃଷ୍ଟିଗୋଚର ହୋଇଛି କ୍ଷ ଏହିପରି ଏକ ଘଟଣା କ୍ରମରେ ଗତ ଜୁଲାଇ ୨୨ ତାରିଖରେ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ? ଟର୍ମିନାଲ (ପିଆଇସିଟି) ରେ ରେଳ ୱାଗନ ରେ ସାର ବସ୍ତା ଲୋଡିଙ୍ଗ ସମୟରେ ଚକ୍ରାନ୍ତକା ଭାବେ ବନ୍ଦ କରାଯିବା ଦ୍ୱାରା କମ୍ପାନୀ କୁ ବହୁ ଆର୍ଥିକ କ୍ଷତି ବା ଡ୍ୟାମରେଜ ଦେବାକୁ ପଡିଥିବାର ଖବର ହସ୍ତଗତ ହୋଇଛି କ୍ଷ ତେବେ ଏଥିପାଇଁ ଜନୈକ ବହିରାଗତ ଶ୍ରମିକ ନେତା ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନ ର ଶ୍ରମିକ ମାନଙ୍କୁ ବ୍ୟବହାର କରି ସାର ବୋଝେଇ ବନ୍ଦ କରାଇ କମ୍ପାନୀ ର ଆର୍ଥିକ କ୍ଷତି କରାଇବା ସହ ଅନ୍ୟ ଶ୍ରମିକ ସଙ୍ଘ ନାମରେ ମିଥ୍ୟା ଦୋଷାରୋପ କରିବାର ଅପପ୍ରଚାର ଚଳାଇଛନ୍ତି କ୍ଷ ତେବେ ଏହି ଘଟଣାର ସତ୍ୟାସତ୍ୟ ପିଆଇସିଟି କମ୍ପାନୀ କର୍ତ୍ତୃପକ୍ଷ ଉପଲବ୍ଧି କରିସାରିଥିବା ବେଳେ ସାର ବୋଝେଇ ବନ୍ଦ କରିଥିବା ଅଭିଯୋଗରେ ୬ ଜଣ ଶ୍ରମିକ ଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇଛି କ୍ଷ ତେବେ ସୂଚନା ଅନୁଯାୟୀ ଗତ ୨୨ ତାରିଖ ସନ୍ଧ୍ୟାରେ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନ ର ୬ ଜଣ ଶ୍ରମିକ ପ୍ରଶାନ୍ତ ଜେନା, କାଳିପଦ ମଣ୍ଡଳ, ସୁରେଶ ବେହେରା, ଭଜନ ମଣ୍ଡଳ, ଦୀପକ ବେହେରା ଏବଂ ଗୌତମ ମଲ୍ଲିକ ଟ୍ରେନ ୱାଗନ ରେ ସାର ବସ୍ତା ଲୋଡିଙ୍ଗ କାର୍ଯ୍ୟ ବେଆଇନ ଭାବେ ବନ୍ଦ କରିଥିଲେ କ୍ଷ ଏହା ଦ୍ୱାରା କମ୍ପାନୀ ର ଆର୍ଥିକ କ୍ଷତି ହେବା ସହ କୃଷି, ସରକାରୀ ବଣ୍ଟନ ବ୍ୟବସ୍ଥା ପରି ଗୁରୁତ୍ୱପୂର୍ଣ୍ଣ ଯୋଗାଣ ବ୍ୟବସ୍ଥା କୁ ପ୍ରଭାବିତ କରିଛି କ୍ଷ ଏବଂ ଶିଳ୍ପାଞ୍ଚଳରେ ଏପରି ଅଶାନ୍ତ ସୃଷ୍ଟିକାରୀ ଓ ଏହାର ପ୍ରଛଦପଟ ରେ ଥିବା ଅପରାଧୀ ତତ୍ତ୍ୱ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

## ରାଷ୍ଟ୍ରୀୟ ସଭାପତିଙ୍କୁ ଭେଟି ରିପୋର୍ଟ କାର୍ଡ ଦେଲେ ବିଧାୟକ ଟଙ୍କଧର ତ୍ରିପାଠୀ



ନୂଆଦିଲ୍ଲୀ,(ପି.ଏନ) : ଝାରସୁଗୁଡା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଆଜି ନୂଆଦିଲ୍ଲୀ ଠାରେ ବିଜେପି ରାଷ୍ଟ୍ରୀୟ ସଭାପତି ଶ୍ରୀଯୁକ୍ତ ଜେ.ପି.ନଡ୍ଡାଙ୍କୁ ସାକ୍ଷାତ କରି ବିଗତ ବର୍ଷକ ମଧ୍ୟରେ ନିଜ ନିର୍ବାଚନମଣ୍ଡଳୀରେ କରିଥିବା ଉନ୍ନୟନମୂଳକ କାର୍ଯ୍ୟର ଏକ ରିପୋର୍ଟକାର୍ଡ ପ୍ରଦାନ କରିଛନ୍ତି । ରାଜ୍ୟରେ ବିଜେପି ସରକାର ଗଠନ ପରେ ବିଧାୟକ ହିସାବରେ ଶ୍ରୀ ତ୍ରିପାଠୀ ନିଜ ନିର୍ବାଚନମଣ୍ଡଳୀ ପାଇଁ କି କି କାର୍ଯ୍ୟ କରିଛନ୍ତି ତାହା ଏହି ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ ରହିଛି । ରିପୋର୍ଟକାର୍ଡ ପୁସ୍ତକ ପାଇ ଶ୍ରୀ ନଡ୍ଡା ଖୁସିବ୍ୟକ୍ତ କରିବା ସହିତ ଏଥିପାଇଁ ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥି ସହିତ ବିଜେପି ଉପରେ ଥିବା ଲୋକଙ୍କର ଆଶା ଭରସାକୁ ବଜାୟ ରଖି ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ବିଧାୟକ ଶ୍ରୀ ତ୍ରିପାଠୀ ମଧ୍ୟ ଦଳର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବି.ଏଲ୍ ?. ସନ୍ତୋଷଙ୍କୁ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ଶ୍ରୀ ତ୍ରିପାଠୀ ନିଜ ନିର୍ବାଚନମଣ୍ଡଳୀରେ କରିଥିବା ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ସୂଚନା ଦେବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

## ବରିଷ୍ଠ ନାଗରିକଙ୍କ ସମ୍ମାନରେ ଜେନ୍ ଏସ ଲାଇଫର ନୂଆ ସିରିଜର ଶୁଭାରମ୍ଭ



ଭୁବନେଶ୍ୱର,(ପି.ଏନ): ବରିଷ୍ଠଙ୍କ ପାଇଁ ଏକ ଲାଇଫଷ୍ଟାଇଲ ଆପ ଜେନ ଏସ୍ ଲାଇଫ ପକ୍ଷରୁ ସୋନି ଲିଭ ସହ ସହଭାଗିତାରେ ଏକ ୮ଟି ଅଂଶ ବିଶିଷ୍ଟ ଓରିଜିନାଲ ଡକ୍ୟୁସିରିଜ 'ରିଅଲ ହିରୋଜ୍'ର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହା ଭାରତର ସ୍ୱାଧୀନତା ସଂଗ୍ରାମୀ ଓ ସୈନ୍ୟ ବାହିନୀର ପୂର୍ବତନ ସୈନିକମାନଙ୍କର ବ୍ୟକ୍ତିଗତ ବୀରତ୍ୱ କାହାଣୀଗୁଡିକୁ ଜୀବନ୍ତ କରିଛି । ଅନିର୍ବାନ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ଏହି ସିରିଜ ଏବେ ସ୍ୱତନ୍ତ୍ର ଭାବେ ସୋନି ଲିଭ୍‌ର ୟୁଟ୍ୟୁବ ଚ୍ୟାନେଲରେ ପ୍ରସାରିତ ହେଉଛି । ଏହି ସିରିଜ ଦେଶର ସାର୍ବଭୌମତ୍ୱ ଓ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଭାରତର ସେହି ପିଢି ପ୍ରତି ଏକ ଭାବପ୍ରବଣ ଶ୍ରଦ୍ଧାଳି।

ଏମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମହାତ୍ମା ଗାନ୍ଧୀଙ୍କ ସହ କାର୍ଯ୍ୟ କରିଥିବା ଓ ତାଙ୍କ ମାର୍ଗଦର୍ଶନ ପାଇଥିବା, ଓଡିଶାର ଗୌରୀ ଦାସ ଯିଏ ଦେଶ ସ୍ୱାଧୀନ ପରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ନିଜର ପରିଚୟ ପ୍ରମାଣିତ କରିବା ପାଇଁ ଅନେକ ଦଶନ୍ଧି ହେବ ପ୍ରୟାସ କରିଥିଲେ । ସେ କହିଛନ୍ତି, 'ମୁଁ ୧୯୪୭ ପୂର୍ବରୁ ଭାରତକୁ ମୁକ୍ତ କରିବା ପାଇଁ ଲଢେଇ କରିଥିଲି ଏବଂ ପରେ ଅମଲାତନ୍ତ୍ର ସହ ଲଢିଥିଲି । ଉଭୟ ଲଢେଇରେ ଧୈର୍ଯ୍ୟ ଓ ବିଶ୍ୱାସର ଆବଶ୍ୟକତା ଥିଲା । ମୁଁ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ସ୍ୱୀକୃତି ପାଇବାକୁ ଚାହୁଁଥିଲି ।' ମୁମ୍ବାଇରୁ ଜଣେ ନୌସେନା ପାଇଲଟ କୋମୋଡୋରେ ମେଡିଓମା ଭାଦା, ଯିଏ ୧୯୭୧ରେ ଚିଟାଗୋଙ୍ଗ ଉପରେ ବୋମା ପକାଇବା ପାଇଁ ଏକ ଅପରେଶନରେ ଅଂଶଗ୍ରହଣ କରିଥିଲେ, ସେ ଆଇଏନଏସ ବିକ୍ରା'ରୁ ନିଜର ସି ହକ୍ ଏୟାରକ୍ରାଫ୍ଟର ଟେକ୍ ଅଫ୍ କରିବା ଓ ଟାର୍ଗେଟ ଆଡକୁ ଅଗ୍ରସର ହେବା ସମ୍ପର୍କରେ ସ୍ପଷ୍ଟ ଭାବେ ମନେ ପକାଇଛନ୍ତି । ସିରିଜର ମହତ୍ୱ ସମ୍ପର୍କରେ ଆଲୋକପାତ କରି ଜେନ ଏସ୍ ଲାଇଫର ପ୍ରତିଷ୍ଠାତା ମୀନାକ୍ଷୀ ମେନନ କହିଛନ୍ତି, 'ଏହି ପଦକ୍ଷେପ ଭାରତର ବରିଷ୍ଠ ନାଗରିକଙ୍କୁ ସେବା ପ୍ରଦାନ କରିବା ଓ ସେମାନଙ୍କୁ ଉତ୍ସାହିତ କରିବାର ଜେନ୍ ଏସ୍ ଲାଇଫର ମୂଳ ଲକ୍ଷ୍ୟ ସହ ସମନ୍ୱିତ । ଏଭଳି କାହାଣୀଗୁଡିକ ଏକ ଶକ୍ତିଶାଳୀ ରିମାଇଣ୍ଡର ଯେ, ଇତିହାସ ଲୋକଙ୍କ ମଧ୍ୟରେ ଜୀବିତ ରହିଥାଏ । ସେମାନଙ୍କର ସ୍ୱରକୁ ସମ୍ମାନିତ କରି, ଆମେ କେବଳ ଅତୀତକୁ ମନେ ପକାଇନାହୁଁ ବରଂ ଏକ ଅଧିକ କୃତଜ୍ଞ ଭବିଷ୍ୟତ ଦିଗରେ ବିନିଯୋଗ କରିଛୁ ।' ବେଷ୍ଟ-ସେଲିଙ୍ଗ ଅଥର ଓ ରିଅଲ-ହିରୋଜ୍‌ର ନିର୍ଦ୍ଦେଶକ, ପ୍ରଯୋଜକ ଅନିର୍ବାନ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ରିଅଲ ହିରୋଜ, ମୋ ଜୀବନର ସବୁଠାରୁ ନମ୍ର ଅଭିଜ୍ଞତା ମଧ୍ୟରୁ ଗୋଟିଏ । ଏହି ଜୀବ' ଇତିହାସକୁ ଦସ୍ତାବିଜ କରିବା ପାଇଁ ଆମେ ଆମର ଭବିଷ୍ୟତ ପିଢି ନିକଟରେ ଋଣୀ ରହିବୁ । ଏହି ସିରିଜ ଭାରତର ପ୍ରକୃତ କିମ୍ବଦନ୍ତୀଙ୍କ ଉତ୍ସାହ, ସାହସ ଓ ଏକାଗ୍ରତାକୁ ସାଲ୍ୟୁଟ କରିବାର ଆମର ଏକ ମାଧ୍ୟମ ।'







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray